# ବିଭକ୍ତ ହୃଦୟ

ଦାଜୀଙ୍କ

**ପୂଜ୍ୟ ଶ୍ରୀ ଲାଲାଜୀ ମହାରାଜଙ୍କ**
୧୫୩ତମ ଜନ୍ମବାର୍ଷିକୀ ଅବସରରେ ବାର୍ତ୍ତା
୨୦୨୬ ଫେବୃଆରୀ ୧, ୨ ଏବଂ ୩ ତାରିଖରେ
କାନ୍ହା ଶାନ୍ତି ବନମ ରୁ

# ବିଭକ୍ତ ହୃଦୟ

ପ୍ରିୟ ବନ୍ଧୁମାନେ,

ମୋ ସାମ୍ନାରେ ଜଣେ ପଚାଶ ବର୍ଷୀୟ ବ୍ୟକ୍ତି ବସିଥିଲେ। ବାହ୍ୟ ଦୃଷ୍ଟିରୁ, ସେ ପ୍ରତ୍ୟେକ କ୍ଷେତ୍ରରେ ସଫଳ ଥିଲେ, କିନ୍ତୁ କଥାବାର୍ତ୍ତା କରିବା ସମୟରେ ତାଙ୍କ ହାତ ଟିକେ ଥରୁଥିଲା। ସେ କହିଲେ, "ମୁଁ ଜାଣେ ମୁଁ କ'ଣ ଚାହୁଁଛି, ଏବଂ ମୁଁ ଜାଣେ ମୁଁ କ'ଣ କରିବାକୁ ପଡିବ। ତଥାପି, ଯେତେବେଳେ ସେହି ମୁହୂର୍ତ୍ତ ଆସେ, ମୁଁ ନିଜକୁ ଠିକ୍ ସେହି କାମ କରୁଥିବାର ଦେଖିଥାଏ ଯାହା ମୁଁ ନିଜକୁ ପ୍ରତିଶ୍ରୁତି ଦେଇଥିଲି ଯେ ମୁଁ ଆଉ କେବେ କରିବି ନାହିଁ। ପ୍ରତ୍ୟେକ ଥର ର ପତନ ପରେ, ମୁଁ ମୋର ଏକ ଅଂଶ ହରାଏ। ଅନୁତାପ ଅତ୍ୟନ୍ତ, ଲଜ୍ଜା ଜ୍ୱଳନ୍ତ ଏବଂ ତଥାପି ଚକ୍ର ଜାରି ରହେ।"

ସେ ହିଂସା, ଚୋରି, କିମ୍ବା ଅନ୍ୟ ଜଣଙ୍କ ପ୍ରତି ବେଇମାନିର କଥା କହୁଥିଲେ ନୁହେଁ। ସେ କିଛି ବିଷୟରେ କହୁଥିଲେ ଯାହା ଥିଲା ଅଧିକ ଅନ୍ତରଙ୍ଗ, ଅଧିକ ସ୍ଥାୟୀ ଏବଂ ନିଜସ୍ୱ ଉପାୟରେ ଅଧିକ ବିନାଶକାରୀ, ମାନବ ହୃଦୟ ଭିତରେ ଚାଲିଥିବା ଇଚ୍ଛା ଏବଂ ଆକାଂକ୍ଷା ମଧ୍ୟରେ ଯୁଦ୍ଧ।

ଏହି ସ୍ୱୀକାରୋକ୍ତି ଅନେକ ରୂପରେ ଆସେ—ସେଇ ମଧ୍ୟବୟସ୍କ କର୍ମକର୍ତ୍ତା, ଯିଏ ବାଧ୍ୟତାମୂଳକ ଅଭ୍ୟାସରୁ ନିଜକୁ ମୁକ୍ତ କରିପାରୁନାହିଁ; ସେଇ ଆଧ୍ୟାତ୍ମିକ ସାଧକ, ଯିଏ ନିଷ୍ଠାର ସହିତ ଆତ୍ମଶୁଦ୍ଧିର ଅଭ୍ୟାସ କରେ, ତଥାପି ସେଇ ପ୍ରବୃତ୍ତିଗୁଡ଼ିକୁ ପୁନର୍ବାର ଫେରିଆସୁଥିବା ଦେଖେ; ଏବଂ ସେଇ

ପରିବାରିକ ପୁରୁଷ, ଯିଏ ବୁଦ୍ଧିଗତ ଭାବେ ଜାଣେ ଯେ କ୍ଷଣିକ ସୁଖ ଦୀର୍ଘକାଳୀନ ଶାନ୍ତି ପାଇଁ ଏକ ଖରାପ ବିନିମୟ, ତଥାପି ପ୍ରଲୋଭନ ଉଠିଲେ ସେ ନିଜକୁ ସେଥିରେ ଭାସିଯାଉଥିବା ଦେଖେ।

## ଆଭ୍ୟନ୍ତରୀଣ ବିଭାଗ

ଯେତେବେଳେ କେହି କୁହେ, "ମୋର ଗୋଟିଏ ଅଂଶ ସ୍ୱାଧୀନତା ଚାହେଁ, ଏବଂ ଅନ୍ୟଟି ତା'ର ଇଚ୍ଛା ପୂରଣ କରିବାକୁ ଚାହେଁ," ଏହାର ଅର୍ଥ କ'ଣ? ଏହାର ଅର୍ଥ ହେଉଛି ହୃଦୟ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହିଁ, ଅତି କମରେ ସମ୍ପୂର୍ଣ୍ଣ ନୁହେଁ। ସ୍ୱାଧୀନତା ପାଇଁ ଆକାଂକ୍ଷା ପ୍ରକୃତ, ଏବଂ ଇଚ୍ଛାର ଟାଣ ମଧ୍ୟ ସେହିପରି। ଉଭୟ ଏକକାଳୀନ ବିଦ୍ୟମାନ, ଏବଂ ଏକ ନିର୍ଣ୍ଣାୟକ ଆନ୍ତରିକ ଗତିବିଧିର ଅନୁପସ୍ଥିତିରେ, ମୁକାବିଲାର ମୁହୂର୍ତ୍ତରେ ଶକ୍ତିଶାଳୀ ଶକ୍ତି ବିଜୟୀ ହୁଏ।।

ଏହା ହେଉଛି ପ୍ରେୟଏବଂ ଶ୍ରେୟ ମଧ୍ୟରେ ଦ୍ୱନ୍ଦ୍ୱ, ସୁଖଦ ଏବଂ ଭଲ, ଏକ ଦ୍ୱନ୍ଦ୍ୱ ଯାହା ବୈଦିକ ସମୟରୁ ଉଜ୍ଜ୍ୱଳ ହୋଇଆସୁଛି। ଯେତେବେଳେ ମନ ବିଭାଜିତ ହୁଏ, ସେତେବେଳେ ଅନ୍ତର୍ନିହିତ ଡାକରେ ଈଶ୍ୱରଙ୍କ ପାଖରେ ପହଞ୍ଚିବା ପାଇଁ ଆବଶ୍ୟକ ଅନୁବାଦନ ନାହିଁ, କାରଣ ହୃଦୟର ଅଧା ଅଂଶ ଏବେ ବି କୂଳରେ ଲାଗି ରହିଥାଏ।

ଅନେକ ସାଧକ ଏଠାରେ ନିଜକୁ ଫସି ରହିଥିବାର ଅନୁଭବ କରନ୍ତି। ସେମାନେ ଧ୍ୟାନ କରନ୍ତି, ସନ୍ଧ୍ୟାରେ ସଫାଇ କରନ୍ତି ଏବଂ ଦଶମ ନୀତି ପାଳନ କରନ୍ତି, ଶୋଇବା ପୂର୍ବରୁ ଭୁଲ ପାଇଁ ଅନୁତାପ କରନ୍ତି, କ୍ଷମା ମାଗନ୍ତି ଏବଂ ସେଗୁଡ଼ିକୁ ପୁନରାବୃତ୍ତି ନ କରିବାକୁ ପ୍ରତିଶ୍ରୁତି ଦିଅନ୍ତି। ଏବଂ ତଥାପି, ପ୍ରତିଶ୍ରୁତି ଭାଙ୍ଗି ଚାଲିଥାଏ। ପ୍ରତ୍ୟେକ ଭଙ୍ଗା ପ୍ରତିଶ୍ରୁତି ପ୍ରଭାବ ପକାଏ, ଆତ୍ମବିଶ୍ୱାସ କ୍ଷୁର୍ଣ୍ଣ କରେ, ଇଚ୍ଛାଶକ୍ତିକୁ ଦୁର୍ବଳ କରେ, ଏବଂ ହତାଶାର ଏକ ହାଲୁକା ଭାବନା ଭିତରେ ବାସ କରିବାକୁ ଆରମ୍ଭ କରେ, ଏକ ଭାବନା ଯେ ହୁଏତ ସ୍ୱାଧୀନତା ଅନ୍ୟମାନଙ୍କ ପାଇଁ, ସେମାନଙ୍କ ପାଇଁ ନୁହେଁ।

କଣ ଭୁଲ ହୋଇଛି?

# ଦୁଇଟି ଗଧିଆ

ଅନେକ ସଂସ୍କୃତି ମାଧ୍ୟମରେ ପ୍ରଚଳିତ ଏକ ପୁରୁଣା ଶିକ୍ଷା ଅଛି, ପ୍ରତ୍ୟେକ ମାନବ ହୃଦୟରେ ବାସ କରୁଥିବା ଦୁଇଟି ଗଧିଆ ବିଷୟରେ। ଗୋଟିଏ ଗଧିଆ ଆମର ଉଚ୍ଚ ପ୍ରକୃତି, ଧୈର୍ଯ୍ୟ, ଦୟା, ସତ୍ୟ, ଶୃଙ୍ଖଳା ଏବଂ ଅନନ୍ତ ପ୍ରେମକୁ ପ୍ରତିନିଧିତ୍ୱ କରେ। ଅନ୍ୟ ଗଧିଆ ଆମର ନିମ୍ନ ପ୍ରକୃତି, ଆବେଗ, ଆକାଂକ୍ଷା, ପ୍ରବଞ୍ଚନା, ଭୋଗ ଏବଂ ଯାହା ବିତିଯାଏ ତାହା ପ୍ରତି ଆଗ୍ରହକୁ ପ୍ରତିନିଧିତ୍ୱ କରେ। ଜଣେ ଯୁବକ ତାଙ୍କ ବଡ଼କୁ ପଚାରନ୍ତି, "କେଉଁ ଗଧିଆ ଜିତିଥାଏ?" ବଡ଼ ଉତ୍ତର ଦିଅନ୍ତି, "ତୁମେ ଯାହାକୁ ଖାଇବାକୁ ଦିଅ।"

ଶିକ୍ଷା ସରଳ, କିନ୍ତୁ ଏହାର ପ୍ରୟୋଗ ନୁହେଁ। ଯେଉଁ ସାଧକ ନିରନ୍ତର ଇଚ୍ଛା ସହିତ ସଂଘର୍ଷ କରୁଛନ୍ତି, ସେ ଉଭୟ ଗଧିଆଙ୍କୁ ଖାଦ୍ୟ ଦେଉଛନ୍ତି। ସକାଳ ଧ୍ୟାନରେ, ଉଚ୍ଚ ଗଧିଆ ତାର ଅଂଶ



ପାଏ, ଏବଂ ସନ୍ଧ୍ୟା ସଫାଇ  କରିବା ସମୟରେ, ଉଚ୍ଚ ଗଧିଆ ଶକ୍ତିଶାଳୀ ହୁଏ। ସ୍ପଷ୍ଟତା ଏବଂ ସଂକଳ୍ପର ମୁହୂର୍ତ୍ତରେ, ଉଚ୍ଚ ଗଧିଆ ବୃଦ୍ଧି ପାଏ।

ତା'ପରେ ଏକ ଟ୍ରିଗର ଆସେ, ଏବଂ ନିମ୍ନ ଗଧିଆ, ଯାହାକୁ ଭୋଗ, କଳ୍ପନା ଏବଂ ପ୍ରତୀକ୍ଷାର ଗୁପ୍ତ ଆନନ୍ଦ ମାଧ୍ୟମରେ ମଧ୍ୟ ଖାଦ୍ୟ ଦିଆଯାଇଛି, ନିଜ ଶକ୍ତି ସହିତ ଉଠିଥାଏ। ଏବଂ ମୁକାବିଲାର ସେହି ମୁହୂର୍ତ୍ତରେ, ଯେଉଁ ଗଧିଆ ଶକ୍ତିଶାଳୀ, ସେ ବିଜୟୀ ହୁଏ। ସମସ୍ୟା ଏହା ନୁହେଁ ଯେ ସାଧକଙ୍କର ନିମ୍ନ ସ୍ୱଭାବ ଅଛି, ସମସ୍ତଙ୍କର ଥାଏ। ସମସ୍ୟା ହେଉଛି ଖାଦ୍ୟ ପ୍ରଦାନ ଅତ୍ୟଧିକ ସନ୍ତୁଳିତ ହୋଇଛି ଯାହା ଦ୍ୱାରା ଉଭୟ ଗଧିଆଙ୍କୁ ଜୀବିତ ଏବଂ ଶକ୍ତିଶାଳୀ ରଖାଯାଇଛି। ଯୁଦ୍ଧ ଜାରି ରହିଛି କାରଣ କୌଣସି ପକ୍ଷକୁ ନିର୍ଣ୍ଣାୟକ ଭାବରେ ଦୁର୍ବଳ ହେବାକୁ ଦିଆଯାଇ ନାହିଁ।

## କାହିଁକି କେବଳ ସଫାଇ  ଯଥେଷ୍ଟ ନୁହେଁ

ହାର୍ଟଫୁଲନେସର ସଫାଇ ଅଭ୍ୟାସ ଗଭୀର। ପ୍ରତ୍ୟେକ ସନ୍ଧ୍ୟାରେ, ଅଭ୍ୟାସି ବସି, ପଛରୁ ବାହାରି ଆସୁଥିବା ଦିନର ଜଞ୍ଜାଳ ଏବଂ ଅଶୁଦ୍ଧତାକୁ କଳ୍ପନା କରନ୍ତି, ଏବଂ ସାମ୍ନାରୁ ଆସୁଥିବା ଦିବ୍ୟ ଆଲୋକକୁ ଅନୁଭବ କରନ୍ତି। ଖରାପ ଛାପ ଦୂର ହୋଇଯାଏ, ଏବଂ ବ୍ୟବସ୍ଥା ହାଲୁକା ହୋଇଯାଏ। ସ୍ୱାଧୀନତା ନିକଟତର ହୁଏ। ତଥାପି, କିଛି ଅଭ୍ୟାସି ରିପୋର୍ଟ କରନ୍ତି ଯେ ବର୍ଷ ବର୍ଷ ଧରି ପରିଶ୍ରମ କରି ସଫାଇ କରିବା ପରେ ମଧ୍ୟ, କିଛି ଅଭ୍ୟାସ ଜିଦ୍ ଧରି ରହିଥାଏ। ସେମାନଙ୍କର ଇଚ୍ଛା ଫେରି ଆସେ, କେତେକ ସମୟରେ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ, ଏବଂ ତେଣୁ ଚକ୍ର ଜାରି ରହେ। ଏହା କାହିଁକି?

କାରଣ ସଫାଇ କରିବା ଦ୍ୱାରା ହୃଦୟ ଯାହା ଛାଡିବାକୁ ଇଚ୍ଛୁକ ତାହା ଦୂର ହୋଇଯାଏ। ଯେତେବେଳେ କୌଣସି ପ୍ରବୃତ୍ତି କୁ ଗୁପ୍ତ ଭାବରେ ଆଦର କରାଯାଏ, ସେତେବେଳେ ମାନସିକତାର କିଛି ଅଂଶ ଏହାକୁ ଲୁକ୍କାୟିତ ସ୍ନେହ ସହିତ ଧରି ରଖେ, ସଫା କରିବା ପ୍ରତିରୋଧର ସମ୍ମୁଖୀନ ହୁଏ। ଏହି କୌଶଳ ନିଜ ସ୍ତରରେ କାମ କରିଚାଲିଥାଏ। ଗଭୀର ମୂଳ ଏହା ସେବା କରୁଥିବା ପରିଚୟ ଦ୍ୱାରା ସୁରକ୍ଷିତ ରହିଥାଏ।

ଭାବନ୍ତୁ, ଦିନଟି ସାରା ପୁନର୍ବାର ସେଇ ଆଚରଣରେ ଆତ୍ମସମର୍ପଣ କରିବା ପରେ ସନ୍ଧ୍ୟାବେଳେ ଯେତେବେଳେ ସଫାଇ  କରାଯାଏ, ସେତେବେଳେ କ'ଣ ଘଟେ। ମନ ଅନୁତାପ କରେ, ହୃଦୟ ଅପରାଧବୋଧରେ ଭରିଯାଏ, କ୍ଷମା ପାଇଁ ପ୍ରାର୍ଥନା ଅର୍ପଣ କରାଯାଏ, ଏବଂ ଗୋଟିଏ ପ୍ରତିଜ୍ଞା କରାଯାଏ। ପ୍ରଶ୍ନ ହେଉଛି—ସେଇ ପ୍ରତିଜ୍ଞା କେତେ ସତ୍ୟସିଦ୍ଧ?

## ଅଧା ହୃଦୟର ପ୍ରାର୍ଥନା

କିଛି ପାଇବାକୁ ଇଚ୍ଛା କରିବା ଏବଂ ପ୍ରକୃତରେ ଏହାକୁ ଇଚ୍ଛା କରିବା ମଧ୍ୟରେ ବହୁତ ପାର୍ଥକ୍ୟ ଅଛି। ଜଣେ ସାଧକ ଯିଏ ନିରନ୍ତର ଇଚ୍ଛା ସହିତ ସଂଘର୍ଷ କରେ ସେ ପ୍ରକୃତରେ ସ୍ୱାଧୀନତା ଚାହୁଁଥାଇ ପାରେ। ଅନୁତାପର ମୁହୂର୍ତ୍ତରେ, ଇଚ୍ଛା ତୀବ୍ର ହୋଇଥାଏ। ପ୍ରାର୍ଥନାର ମୁହୂର୍ତ୍ତରେ, ଆକାଂକ୍ଷା ପ୍ରକୃତ ଅନୁଭବ ହୁଏ। ଧ୍ୟାନର ଶାନ୍ତିରେ, ମୁକ୍ତି ନିକଟତର ମନେହୁଏ।

ତା'ପରେ ଟ୍ରିଗର ଦେଖାଯାଏ। ଏକ ପରିସ୍ଥିତି ସୃଷ୍ଟି ହୁଏ, ଏବଂ ସ୍ନାୟୁତନ୍ତ୍ରର ପୁରୁଣା ପଥଗୁଡ଼ିକ ପୁନଃ ସକ୍ରିୟ ହୋଇଯାଏ, ପ୍ରାୟତଃ ଅବଚେତନ ମନରେ ଗଭୀର ଭାବରେ ପୋତି ହୋଇ ରହିଥିବା ପ୍ରତିକ୍ରିୟାଗୁଡ଼ିକୁ ଟ୍ରିଗର କରେ। ହଠାତ୍, କିଛି ଭଲ ପାଇଁ ସମସ୍ତ ଇଚ୍ଛା ଅଦୃଶ୍ୟ ହୋଇଯାଏ। ଅବଶେଷରେ ଯାହା ରହିଯାଏ, ସେହିଟି ହେଉଛି ଇଚ୍ଛାର ନିରାବରଣ ଆକର୍ଷଣ; ଏବଂ ସେଇ ମୁହୂର୍ତ୍ତରେ ସାଧକ ଅନୁଭବ କରେ ଯେ ଆକାଂକ୍ଷାର ମୂଳ ପ୍ରକୃତରେ କେତେ ଦୁର୍ବଳ ଥିଲା।



କିଛି ପାଇବାକୁ ଇଚ୍ଛା କରିବା ଏବଂ ପ୍ରକୃତରେ ଏହାକୁ ଇଚ୍ଛା କରିବା ମଧ୍ୟରେ ବହୁତ ପାର୍ଥକ୍ୟ ଅଛି। ଜଣେ ସାଧକ ଯିଏ ନିରନ୍ତର ଇଚ୍ଛା ସହିତ ସଂଘର୍ଷ କରେ ସେ ପ୍ରକୃତରେ ସ୍ୱାଧୀନତା ଚାହୁଁଥାଇ ପାରେ। ଅନୁତାପର ମୁହୂର୍ତ୍ତରେ, ଇଚ୍ଛା ତୀବ୍ର ହୋଇଥାଏ। ପ୍ରାର୍ଥନାର ମୁହୂର୍ତ୍ତରେ, ଆକାଂକ୍ଷା ପ୍ରକୃତ ଅନୁଭବ ହୁଏ। ଧ୍ୟାନର ଶାନ୍ତିରେ, ମୁକ୍ତି ନିକଟତର ମନେହୁଏ।

ଏହା କପଟତା ନୁହେଁ; ଏହା ମାନବ ଅବସ୍ଥା। ସମସ୍ୟା ଏହା ନୁହେଁ ଯେ ଆମେ ସ୍ୱାଧୀନତା ଚାହୁଁଥିବା ବିଷୟରେ ମିଛ କହୁ। ସମସ୍ୟା ହେଉଛି ଯେ ଆମେ ଏପର୍ଯ୍ୟନ୍ତ ସଂଘର୍ଷକୁ ଏଡାଇବା ପାଇଁ ଏତେ ଗଭୀର ଇଚ୍ଛା ଜାଗ୍ରତ କରିନାହୁଁ। ପ୍ରାର୍ଥନା ସତ, କିନ୍ତୁ ଏହା ଅଧା ହୃଦୟର ମଧ୍ୟ।

## ବଣିକ ଏବଂ ସନ୍ୟାସୀ

ଏକ ପାରମ୍ପରିକ କାହାଣୀ ଏହି କଥାକୁ ଭଲ ଭାବରେ ବୁଝାଏ। ଜଣେ ବ୍ୟବସାୟୀ ଜଣେ ସନ୍ନ୍ୟାସୀଙ୍କ ପାଖକୁ ଆସିଲେ, କାରଣ ସେ ତାଙ୍କ ଗ୍ରାହକମାନଙ୍କୁ ଠକିବା ବନ୍ଦ କରିପାରୁ ନଥିଲେ, ତେଣୁ ସେ ହତାଶ ହୋଇଗଲେ।

"ମୁଁ ଜାଣେ ଏହା ଭୁଲ," ସେ କହିଲେ। "ପ୍ରତି ସନ୍ଧ୍ୟାରେ ମୁଁ ସଚ୍ଚୋଟ ହେବାର ପ୍ରତିଜ୍ଞା ନିଏ, କିନ୍ତୁ ପ୍ରତିଦିନ ସକାଳେ ମୁଁ ପୁଣି ମିଛ କୁହେ । ମୋର ଭୁଲ କଣ?"

ସନ୍ନ୍ୟାସୀ ପଚାରିଲେ, "ଯେତେବେଳେ ତୁମେ ସନ୍ଧ୍ୟାର ଶପଥ କର, ତୁମେ କ'ଣ ପ୍ରକୃତରେ ସଚ୍ଚୋଟ ହେବାକୁ ଚାହୁଁଛ?" "ହଁ, ନିଶ୍ଚିତ," ବ୍ୟବସାୟୀ ଉତ୍ତର ଦେଲେ।

"ଆଉ ଯେତେବେଳେ ସକାଳ ହୁଏ ଏବଂ ଜଣେ ଗ୍ରାହକ ତୁମ ସାମ୍ନାରେ ଠିଆ ହୁଅନ୍ତି, ତୁମେ କ'ଣ ତଥାପି ସଚ୍ଚୋଟ ହେବାକୁ ଚାହିଁବ?"
ବ୍ୟବସାୟୀ ଟିକେ ଅଟକିଗଲେ ଏବଂ ଉତ୍ତର ଦେଲେ, "ସେହି ମୁହୂର୍ତ୍ତରେ, ମୁଁ ଆହୁରି ବିକ୍ରୟ ଚାହୁଁଛି।"
ତା'ହେଲେ ତୁମର ସନ୍ଧ୍ୟାର ଶପଥ ଜଣେ ବ୍ୟକ୍ତି  ନିଏ, ଏବଂ ସକାଳର ନିଷ୍ପତ୍ତି ଅନ୍ୟ ଜଣେ ବ୍ୟକ୍ତି। ଯେପର୍ଯ୍ୟନ୍ତ ସେମାନେ ଉଭୟେ ଜଣେ ବ୍ୟକ୍ତି ହୋଇନଯିବେ, ସେପର୍ଯ୍ୟନ୍ତ ତୁମର ଶପଥ ଭଙ୍ଗ ହେବ।"

ବ୍ୟବସାୟୀ ପଚାରିଲେ ଯେ ସେମାନେ କିପରି ସମାନ ହେବେ ।

ସନ୍ନ୍ୟାସୀ ଉତ୍ତର ଦେଲେ, "କେବଳ ବିକ୍ରୟ କରିବା ଠାରୁ  ତୁମେ ଅଧିକ କ'ଣ ଚାହୁଁଛ ତାହା ତୁମକୁ ଖୋଜିବାକୁ ପଡିବ। ଯେତେବେଳେ ତୁମେ ତାହା ପାଇବ, ମିଛ କହିବା ଆପେ ଆପେ ବନ୍ଦ ହୋଇଯିବ।"

## ଇଚ୍ଛାଶକ୍ତିର କ୍ଷୟ

ବାରମ୍ବାର ବିଫଳତାରେ ଏକ ଯାନ୍ତ୍ରିକ ନୀତି କାମ କରେ। ପ୍ରତ୍ୟେକ ଭୁସୁଡ଼ିବା, ପରବର୍ତ୍ତୀ ପରୀକ୍ଷଣ ପାଇଁ ସଂରଚନା କୁ ଦୁର୍ବଳ କରିଦିଏ।ଏକ ନିର୍ଦ୍ଦିଷ୍ଟ ଭାର ବହନ କରିବା ପାଇଁ ଡିଜାଇନ୍ ହୋଇଥିବା ଏକ ସେତୁ ଥରେ ଟିକିଏ ଅଧିକ ଭାର ସହ୍ୟ କରିପାରିବ, କିନ୍ତୁ ଯଦି ଏହା ବାରମ୍ବାର ଘଟେ, ତେବେ ସୂକ୍ଷ୍ମ-ଭଙ୍ଗ ସୃଷ୍ଟି ହୁଏ। ତଥାପି ସେତୁଟି ଦୃଢ଼ ଦେଖାଯାଇପାରେ କିନ୍ତୁ କ୍ଷତି ଆଭ୍ୟନ୍ତରୀଣ। ଶେଷରେ, ଯାହା ଏକ ଛୋଟ ଓଭରଲୋଡ୍ ପରି ମନେ ହେଉଥିଲା ତାହା ଭୟଙ୍କର ବିଫଳତା ସୃଷ୍ଟି କରେ।

ଇଚ୍ଛାଶକ୍ତି ସମାନ ଭାବରେ କାମ କରେ। ପ୍ରତ୍ୟେକ ଥର ଅବହେଳିତ ହେବ ପରେ, ପ୍ରତ୍ୟେକ ଥର ଉଚ୍ଚ ମନର ସ୍ୱଷ୍ଟ ବିଚାର ଇଚ୍ଛାର ବନ୍ୟା ଦ୍ୱାରା ଭାସିବା ପରେ, କିଛି ଭାଙ୍ଗିଯାଏ। ଏହି ଭାଙ୍ଗିପଡ଼ିବା ଦୃଶ୍ୟମାନ ନ ହୋଇପାରେ, କିନ୍ତୁ କ୍ଷତି ଜମା ହୋଇ ରହିଥାଏ।

ଏହି କାରଣରୁ ଅନେକ ଥର ବିଫଳ ହୋଇଥିବା ଜଣେ ଅଭ୍ୟାସି ପ୍ରାୟତଃ ଆରମ୍ଭ କରିବା ସମୟ ଅପେକ୍ଷା ଦୁର୍ବଳ ଅନୁଭବ କରନ୍ତି ବୋଲି କୁହନ୍ତି। ସେ ଅଭ୍ୟାସ ମାଧ୍ୟମରେ ନିଜକୁ ଦୃଢ଼ କରିବାକୁ ଆଶା କରିଥିଲେ, କିନ୍ତୁ ବାରମ୍ବାର ବିଫଳତା ସେ ନିର୍ମାଣ କରିବାକୁ ଚେଷ୍ଟା କରୁଥିବା କ୍ଷମତାକୁ କ୍ଷୁର୍ଣ୍ଣ କରିଦେଇଛି। ସମାଧାନ ଇଚ୍ଛାଶକ୍ତି ପ୍ରୟୋଗ ବନ୍ଦ କରିବା ନୁହେଁ; ସମାଧାନ ହେଉଛି ବିଫଳତା ପାଇଁ ଏହାକୁ ସ୍ଥାପନ କରିବା ବନ୍ଦ କରିବା।

## ସଚ୍ଚୋଟ ମୂଲ୍ୟାଙ୍କନ

ହୃଦୟର ପ୍ରକୃତ ଅବସ୍ଥା ବିଷୟରେ ଏକ ନିଷ୍ଠୁର ସଚ୍ଚୋଟତା ସହିତ ପରିବର୍ତ୍ତନ ଆରମ୍ଭ ହୁଏ। ଆମ ମଧ୍ୟରୁ ଅଧିକାଂଶ ଲୋକ ସ୍ୱାଧୀନତା ପ୍ରତି ଆମର ପ୍ରତିବଦ୍ଧତାକୁ ଅଧିକ ଆକଳନ କରନ୍ତି

ଏବଂ ଆମର ବାଞ୍ଛା ପ୍ରତି ଆମର ଆସକ୍ତିକୁ କମ ଆକଳନ କରନ୍ତି। ଏହି ଭୁଲ ମୂଲ୍ୟାଙ୍କନ ଏପରି ପ୍ରତିଶ୍ରୁତି ଆଡ଼କୁ ନେଇଯାଏ ଯାହା ପାଳନ କରାଯାଇପାରିବ ନାହିଁ, ଯାହା ଦ୍ୱାରା ଉପରେ ବର୍ଣ୍ଣିତ ବିଶ୍ୱାସ କ୍ଷୟ ହୁଏ।

ଏକ ସଚ୍ଚୋଟ ମୂଲ୍ୟାଙ୍କନ କିପରି ଦେଖାଯିବ? ଏହାର ଅର୍ଥ ହେବ ଲଜ୍ଜା କିମ୍ବା ପ୍ରତିରକ୍ଷା ବିନା, ଭିତରେ ଥିବା ଅଭାବର ସଠିକ ଅନୁପାତକୁ ସ୍ୱୀକାର କରିବା। ଏକ ରୁ ଦଶ ପର୍ଯ୍ୟନ୍ତ ସ୍କେଲରେ, ଆପଣ ପ୍ରକୃତରେ କେତେ ମୁକ୍ତି ଚାହୁଁଛନ୍ତି? ଏବଂ ସମାନ ସ୍କେଲରେ, ଆପଣଙ୍କ ପ୍ୟାଟର୍ନ ପ୍ରଦାନ କରୁଥିବା ଆନନ୍ଦ ଆପଣ କେତେ ଚାହାଁନ୍ତି?

ଅନେକଙ୍କ ପାଇଁ, ସଚ୍ଚୋଟ ଉତ୍ତର ବିନମ୍ରତାପୂର୍ଣ୍ଣ। ସ୍ୱାଧୀନତା ପାଇଁ ଆକାଂକ୍ଷା ପାଞ୍ଚ କିମ୍ବା ଛଅ ଭାବରେ ପଞ୍ଜୀକୃତ ହୋଇପାରେ, ଯେତେବେଳେ ପ୍ୟାଟର୍ନର ଟାଣ ଆଠ କିମ୍ବା ନଅ ଭାବରେ ପଞ୍ଜୀକୃତ ହୋଇପାରେ। ଏହି ଅନୁପାତଗୁଡ଼ିକୁ ଦୃଷ୍ଟିରେ ରଖି, ଯେକୌଣସି ମୁକାବିଲାର ଫଳାଫଳ ଅନୁମାନଯୋଗ୍ୟ। ତଥାପି, ଏହା ନିରାଶାର କାରଣ ନୁହେଁ; ଏହା ଯୋଜନାର କାରଣ।ଯଦି ଆପଣଙ୍କର ଆକାଂକ୍ଷା, ଇଚ୍ଛାର ଆକର୍ଷଣଠାରୁ ଦୁର୍ବଳ, ତେବେ ଆକାଂକ୍ଷାକୁ ଶକ୍ତିଶାଳୀ କରିବାରେ କାମ କରନ୍ତୁ।ବର୍ତ୍ତମାନର ସନ୍ତୁଳନ  ଯାହାକୁ ସମର୍ଥନ କରିପାରେ ନାହିଁ, ସେପରି ଶପଥ  ବାରମ୍ବାର ନିୟନ୍ତୁ  ନାହିଁ।ତା'ପରିବର୍ତ୍ତେ, ସେହି ସନ୍ତୁଳନକୁ ନିଜେ ବଦଳାଇବା ଉପରେ ଧ୍ୟାନ ଦିଅନ୍ତୁ।

## ଆକାଂକ୍ଷାକୁ କଣ ବୃଦ୍ଧି  କରେ

ଈଶ୍ୱରଙ୍କ ପ୍ରତି ଆଗ୍ରହ ଇଚ୍ଛାଶକ୍ତିରୁ ବୃଦ୍ଧି ପାଏ ନାହିଁ; ଏହା ସମ୍ପର୍କରେ ଆସିବା ଓ ସେଠାରୁ ହେଉଥିବା ସ୍ୱାଭାବିକ ଆତ୍ମସାତ (ଅସ୍ମୋସିସ) ପ୍ରକ୍ରିୟା ମାଧ୍ୟମରେ ବୃଦ୍ଧି ପାଏ।

ଆମେ ଧ୍ୟାନରେ ସମୟ କାଟିଲେ, ଆମ ସଚେତନ ଅନୁଭୂତିର ସୀମାକୁ ଅତିକ୍ରମ କରି କିଛି ଘଟେ। ସମଗ୍ର ପ୍ରଣାଳୀ ଏକ ପ୍ରକାର ସଂଚାର ଗ୍ରହଣ କରେ, ଏବଂ ହୃଦୟ ସେହି ସଂଚାରିତ ଅବସ୍ଥାର କିଛି ଅଂଶକୁ ଆତ୍ମସାତ କରେ। ବାରମ୍ବାର ପୁନରାବୃତ୍ତି ଏକ ନୂତନ ମୂଳଦୁଆ, ଏକ

> ଆସନ୍ତୁ ବିଚାର କରିବା ଏହାର ଅର୍ଥ କ'ଣ। ଯେତେବେଳେ ଏକ ଶକ୍ତିଶାଳୀ ଇଚ୍ଛା ଉତ୍ପନ୍ନ ହୁଏ, ଏହା ଆମର ସମଗ୍ର ବ୍ୟବସ୍ଥାକୁ ଗ୍ରାସ କରେ। ଚିନ୍ତା, ଭାବନା, ଶରୀର ଏବଂ ଇଚ୍ଛା ସମସ୍ତେ ଏହାର ପୂରଣ ପାଇଁ ଏକତ୍ରିତ ହୁଅନ୍ତି। ପ୍ରତିରୋଧ କ୍ଷୁର୍ଣ୍ଣ ହୁଏ କାରଣ ଏହାର ବିରୋଧ କରିବାରେ ତୁଳନାତ୍ମକ ଶକ୍ତିର କିଛି ନାହିଁ। ଯଦି ମୁକ୍ତିର ଇଚ୍ଛା ସମାନ ଭାବରେ ସର୍ବାଙ୍ଗୀନ ହୋଇଥାନ୍ତା ତେବେ କ'ଣ ହୁଅନ୍ତା? ଏହାକୁ ଛୋଟ ଇଚ୍ଛା ସହିତ ଲଢ଼ିବାକୁ ପଡ଼ିବ ନାହିଁ, କାରଣ ଏହା କେବଳ ଏହାକୁ ଧାରଣ କରିବ। ଯେପରି ଏକ ମହାନ ନଦୀ ଏକ ଛୋଟ ସ୍ରୋତକୁ ଶୋଷିତ କରେ, ସେହିପରି ବୃହତ ସ୍ରୋତ ସମସ୍ତ ଜଳକୁ ଗୋଟିଏ ଦିଗରେ ବହନ କରିବ।

ନୂତନ ସାଧାରଣ ଏବଂ କ'ଣ ସମ୍ଭବ ତାହାର ଏକ ନୂତନ ବୁଝାମଣା ସୃଷ୍ଟି କରେ।

ଏହି କାରଣରୁ ସତ୍ସଙ୍ଗ—ଅର୍ଥାତ୍ ସତ୍ୟର ସାନିଧ—ଉପରେ ଏତେ ଜୋର ଦିଆଯାଏ। ଏକ ଗୁରୁଙ୍କ ସାନିଧରେ, କିମ୍ବା ଯେଉଁ ଭକ୍ତିମୟ ଶିକ୍ଷକଙ୍କର ଆକାଂକ୍ଷା ସମ୍ପୂର୍ଣ୍ଣତାକୁ ପହଞ୍ଚିଛି, ସେମାନଙ୍କ ସାମ୍ନାରେ ଥିଲେ, ଆମ ହୃଦୟରେ କିଛି ଜାଗ୍ରତ ହୁଏ। ଉଚ୍ଚତମ ଆକାଂକ୍ଷାର ତରଙ୍ଗାବୃତ୍ତି ସହିତ ଏକ ଅନୁନାଦ ଘଟେ, ଏବଂ ଆମର ନିଜସ୍ୱ ତରଙ୍ଗାବୃତ୍ତି ଧୀରେଧୀରେ ପରିବର୍ତ୍ତିତ ହେବା ଆରମ୍ଭ କରେ।

ସେହିପରି, ଏହି ଯାତ୍ରାରେ ଯାତ୍ରା କରିଥିବା ଲୋକଙ୍କ କଥା ପଢ଼ିବାରେ ସମୟ ବିତାଇ, ଆମର ଅଭ୍ୟାସ ଏବଂ ପ୍ରବୃତ୍ତି ବାହାରେ କ'ଣ ଅଛି ତା ଚିନ୍ତା ରେ ସମୟ ବିତାଇ, ଆମ ଉପରୁ ଧ୍ୟାନ ହଟାଇ ଦେଉଥିବା ସେବାରେ ସମୟ ବିତାଇ, ଉଚ୍ଚ ଗଧିଆକୁ ଖାଦ୍ୟ ଦେଉଛେ , ଏବଂ ନିମ୍ନ ଗଧିଆକୁ କମ୍ ଧ୍ୟାନ ଦେଉଛେ ।

ଏହି ପରିବର୍ତ୍ତନ ଧୀରେ ଧୀରେ ଘଟେ, ଯାହା ଫଳରେ ଗୋଟିଏ ଦିନ ଆମେ ଲକ୍ଷ୍ୟ କରୁ ଯେ ଅନ୍ୟ ଜଣଙ୍କ ସହିତ ସକାଳେ ସଂଘର୍ଷ ଭିନ୍ନ ଅନୁଭବ ହୁଏ । ପ୍ରତିକ୍ରିୟାଶୀଳ ଆକର୍ଷଣ ତଥାପି ରହି ପାରେ, କିନ୍ତୁ ଅନ୍ୟ କିଛି ମଧ୍ୟ ଅଛି, ଯାହା ପୂର୍ବରୁ ଉପସ୍ଥିତ ନଥିଲା, କିମ୍ବା ଉପସ୍ଥିତ ଥିଲା କିନ୍ତୁ ଦୁର୍ବଳ ଥିଲା। ଅନୁପାତ ବଦଳି ଯାଇଛି।

## ଆନ୍ତରିକ  ଡାକରାର ଗୁଣବତ୍ତା

ବାବୁଜୀ ମହାରାଜ ଥରେ କହିଥିଲେ ଯେ ଯଦି ଈଶ୍ୱରଙ୍କ ପ୍ରତି ଆଗ୍ରହ ସାଂସାରିକ ଜିନିଷ ପ୍ରତି ଆଗ୍ରହ ପରି ପ୍ରବଳ ହୁଏ, ତେବେ ସାକ୍ଷାତ୍କାର  ତୁରନ୍ତ ହେବ।

ଆସନ୍ତୁ ବିଚାର କରିବା ଏହାର ଅର୍ଥ କ'ଣ। ଯେତେବେଳେ ଏକ ଶକ୍ତିଶାଳୀ ଇଚ୍ଛା ଉତ୍ପନ୍ନ ହୁଏ, ଏହା ଆମର ସମଗ୍ର ବ୍ୟବସ୍ଥାକୁ ଗ୍ରାସ କରେ। ଚିନ୍ତା, ଭାବନା, ଶରୀର ଏବଂ ଇଚ୍ଛା ସମସ୍ତେ ଏହାର ପୂରଣ ପାଇଁ ଏକତ୍ରିତ ହୁଅନ୍ତି। ପ୍ରତିରୋଧ କ୍ଷୁର୍ଣ୍ଣ ହୁଏ କାରଣ ଏହାର ବିରୋଧ କରିବାରେ ତୁଳନାତ୍ମକ ଶକ୍ତିର କିଛି ନାହିଁ। ଯଦି ମୁକ୍ତିର ଇଚ୍ଛା ସମାନ ଭାବରେ ସର୍ବାଙ୍ଗୀନ ହୋଇଥାନ୍ତା ତେବେ କ'ଣ ହୁଅନ୍ତା? ଏହାକୁ ଛୋଟ ଇଚ୍ଛା ସହିତ ଲଢ଼ିବାକୁ ପଡ଼ିବ ନାହିଁ, କାରଣ ଏହା କେବଳ ଏହାକୁ ଧାରଣ କରିବ। ଯେପରି ଏକ ମହାନ ନଦୀ ଏକ ଛୋଟ ସ୍ରୋତକୁ ଶୋଷିତ କରେ, ସେହିପରି ବୃହତ ସ୍ରୋତ ସମସ୍ତ ଜଳକୁ ଗୋଟିଏ ଦିଗରେ ବହନ କରିବ।

ଏହି କାରଣରୁ ଅର୍ଧହୃଦୟ ପ୍ରାର୍ଥନା ଆମକୁ ପରିବର୍ତ୍ତିତ କରିପାରେ ନାହିଁ। ଏହି କାରଣରୁ ପୃଷ୍ଠ-ସ୍ତରୀୟ ପଶ୍ଚାତାପ ଗଭୀର ଢାଞ୍ଚା, ପ୍ରବୃତ୍ତିଗୁଡ଼ିକୁ ଓ ଆଚରଣରେ ପ୍ରଭାବ ପକାଇପାରେ ନାହିଁ —ସେଗୁଡ଼ିକୁ ସ୍ପର୍ଶ କରିବା ପୂର୍ବରୁ ଫେରିଯାଏ । ଏଠାରେ ତୀବ୍ରତାର ମେଳ ନାହିଁ: ମୁକ୍ତି ପାଇଁ ଆମର ଆକାଂକ୍ଷା ଗୋଟିଏ ଦୀପଶିଖା ପରି, କିନ୍ତୁ ପ୍ରବୃତ୍ତିର ଆକର୍ଷଣ ଗୋଟିଏ ଭୟଙ୍କର ଅଗ୍ନିଶିଖା ପରି। ଯେପର୍ଯ୍ୟନ୍ତ ଏହି ଅନୁପାତ ପରିବର୍ତ୍ତିତ ହୁଏନି, ସେପର୍ଯ୍ୟନ୍ତ ପରିଣାମ ପୂର୍ବନିର୍ଦ୍ଧାରିତ ରହିଥାଏ।

## କୋଷ ଓ ପ୍ରଜାପତି

ଏକ ପ୍ରଚଳିତ କାହାଣୀ ଅଛି—ଥରେ  ଜଣେ ଲୋକ ଗୋଟିଏ  କୋଷ ଟିଏ (କୋକୁନ୍) ପାଇଲେ। ସେ ଦେଖିଲେ ଯେ ତା  ଭିତରୁ ଗୋଟିଏ ପ୍ରଜାପତି ବାହାରିବାକୁ ପ୍ରୟାସ କରୁଛି  । କୋଷର ଛିଦ୍ରଟି ବହୁତ ଛୋଟ ଥିଲା ଏବଂ ପ୍ରଜାପତି ଘଣ୍ଟାଧରି ସମସ୍ତ ଶକ୍ତି ଲଗାଇ ଚେଷ୍ଟା କରୁଥିଲା।କରୁଣାରେ ପଡ଼ି ସେ ଲୋକଟି କଇଁଚି  ନେଇ କୋଷଟିକୁ କାଟି ଛିଦ୍ରକୁ ବଡ଼ କରିଦେଲେ।




ପ୍ରଜାପତି ସହଜରେ ବାହାରି ଆସିଲା, କିନ୍ତୁ ତାହାର ଦେହ ଫୁଲିଯାଇଥିଲା ଏବଂ ପକ୍ଷ ଗୁଡିକ ଏତେ ସଙ୍କୁଚିତ ଥିଲେ ଯେ ସେ କେବେବି ଉଡ଼ିପାରିଲା ନାହିଁ।

ସେ ଲୋକଟ ଯାହା ବୁଝିପାରିଲେ ନାହିଁ, ସେହି ହେଉଛି—ସେଇ ଛୋଟ ଛିଦ୍ର ମାଧ୍ୟମରେ ସଂଘର୍ଷ କରି ବାହାରିବା ପ୍ରକ୍ରିୟାଟି ପ୍ରକୃତିର ଉପାୟ, ଯାହା ଦ୍ୱାରା ପ୍ରଜାପତିର ଦେହର ତରଳ ପଦାର୍ଥ ପକ୍ଷ୍ ମାନଙ୍କୁ ପହଞ୍ଚିଥାଏ। ଯେଉଁ କଷ୍ଟଟି ଦେଖିବାକୁ ନିର୍ଦ୍ଦୟ ଲାଗୁଥିଲା, ସେଇ କଷ୍ଟଟି ପ୍ରଜାପତିର ଉଡ଼ିବାର କ୍ଷମତା ବିକାଶ ପାଇଁ ଅତ୍ୟାବଶ୍ୟକ ଥିଲା।ସେହିପରି, ଯେଉଁ ସାଧକ ନିଜ ଯାତ୍ରାରୁ ସଂଘର୍ଷକୁ ହଟାଇଦେବାକୁ ଈଶ୍ୱରଙ୍କୁ ଅନୁରୋଧ କରେ, ସେ ଅଜାଣତରେ ନିଜେ ସଙ୍କୁଚିତ ପକ୍ଷ୍ ସହିତ ବାହାରିଆସିବାକୁ ଚାହୁଁଥାଏ।

ଅନେକ ସାଧକ ନିଜ ନିଜ ପ୍ରବୃତ୍ତି ଓ ଆସକ୍ତିରୁ ମୁକ୍ତି ପାଇଁ ପ୍ରାର୍ଥନା କରନ୍ତି। ସେମାନେ ଈଶ୍ୱରଙ୍କୁ ନିଜର ଇଚ୍ଛାଗୁଡ଼ିକୁ ହଟାଇଦେବାକୁ, ଇଚ୍ଛାଶକ୍ତିକୁ ଶକ୍ତିଶାଳୀ କରିଦେବାକୁ, ଏବଂ ପଥକୁ ସହଜ କରିଦେବାକୁ ଅନୁରୋଧ କରନ୍ତି—କିନ୍ତୁ ପ୍ରାୟ ସମୟରେ କିଛି ଘଟୁଥିବା ପରି ଲାଗେନାହିଁ। ଆକାଂକ୍ଷା ରହିଯାଏ, ଇଚ୍ଛାଶକ୍ତି ଦୁର୍ବଳ ହିଁ ରହେ, ଏବଂ ପଥ କଠିନ ହିଁ ଥାଏ।ଏହା କେତେକ ସାଧକଙ୍କୁ ସନ୍ଦେହ ଓ ଶ୍ରଦ୍ଧାହାନିରେ ପକାଇଦେଇଥାଏ। ସେମାନେ ଭାବନ୍ତି—ଈଶ୍ୱର ଶୁଣୁନାହାନ୍ତି, ଈଶ୍ୱର ଚିନ୍ତା କରୁନାହାନ୍ତି, କିମ୍ବା ଈଶ୍ୱର ଅଛନ୍ତି ନା  ନାହିଁ...କିନ୍ତୁ ଏଠାରେ ଆଉ ଗୋଟିଏ ସମ୍ଭାବନା ମଧ୍ୟ ରହିଛି।

ଯଦି ଈଶ୍ୱରଙ୍କ ପ୍ରତିକ୍ରିୟା ହେଉଛି କଠିନତାକୁ ସ୍ୱୟଂ ପରିବର୍ତ୍ତନର ଉପାୟରୂପେ ବ୍ୟବହାର କରିବା?ଯଦି ସଂଘର୍ଷଟି ହେଉଛି ସେଇ ଉପାୟ, ଯାହା ଦ୍ୱାରା ସାଧକ ନିଜର ଶକ୍ତିକୁ ବିକାଶ କରିଥାଏ—ଯେଉଁଶକ୍ତି ମୁକ୍ତି ପାଇଁ ଆବଶ୍ୟକ? ଏକ ପର୍ଯ୍ୟାୟରେ ଭାବନା କରନ୍ତୁ:ଯଦି ଈଶ୍ୱର ପ୍ରତି ଅନୁରୋଧରେ ସମସ୍ତ କଠିନ ପ୍ରବୃତ୍ତିକୁ ତୁରନ୍ତ ହଟାଇ ଦେଉଥାନ୍ତେ, ସେ ସାଧକ ଆଧ୍ୟାତ୍ମିକ ଭାବେ ଶିଶୁବତ ରହିଥାନ୍ତେ, ସେମାନେ ଭିତରୁ ସେଇ ଶକ୍ତି ଓ ସ୍ୱାଧୀନତା ନିର୍ମାଣ କରିପାରିବେ ନାହିଁ, ଯାହା ସାର୍ଥକ ମୁକ୍ତି ପାଇଁ ଆବଶ୍ୟକ।ସେମାନେ ମୁକ୍ତ ହେବେ, କିନ୍ତୁ ମୁକ୍ତ ହେବାର ଅନୁଭୂତି ନାହିଁ।ସଂଘର୍ଷଟି ଈଶ୍ୱରଙ୍କ ଅନାବିକଳ ଦୃଷ୍ଟିର ପ୍ରମାଣ ନୁହେଁ;ଏହା ହେଉଛି ପାଠ୍ୟକ୍ରମ—ପ୍ରକୃତିର କ୍ରମ, ଯାହା ଆମକୁ ସାର୍ଥକ ମୁକ୍ତି ପାଇଁ ପ୍ରସ୍ତୁତ କରେ।

## ପ୍ରକୃତ ପଶ୍ଚାତାପ ର କ୍ଷଣ

ପଶ୍ଚାତାପ ଓ ଦୁଃଖରେ ପାର୍ଥକ୍ୟ ଅଛି।ଦୁଃଖ (Regret) କହେ:“ମୁଁ ଚାହୁଁଥିଲି ଯେ ଏହା କରିନଥାନ୍ତି। ମୋତେ ଏହା ପାଇଁ ଖରାପ ଲାଗୁଛି, ଏବଂ ଆଶା କରେ ଯେ ଆଗାମୀବେଳେ ଭଲ କରିପାରିବି।”ପଶ୍ଚାତାପ (Repentance) କହେ:“ମୁଁ ଦେଖିପାରୁଛି ମୁଁ କ’ଣ କରୁଛି, ଏହାର କ’ଣ ମୂଲ୍ୟ ଲାଗିଛି, ଏବଂ ମୁଁ ଏହି ଭାବେ ଜୀବନ ଜାରି ରଖିପାରିବି ନାହିଁ। ମୋ ଭିତରେ କିଛି ପରିବର୍ତ୍ତିତ ହେଉଛି, ଏହି କ୍ଷଣରେ, ଏକ ନୂତନ ଦିଗ ଦିଗରେ ମୁଁ ଘୁରୁଛି।”ସାର ଏହା—ଦୁଃଖ ଏକ ଭାବନା, ପଶ୍ଚାତାପ ଏକ କ୍ଷଣିକ ଶକ୍ତିଶାଳୀ ନିଷ୍ପତ୍ତି ଓ ଦିଗନିର୍ଦ୍ଦେଶ।

ଦୁଃଖ (Regret) ଭାବନାମୂଳକ ହୁଏ, ଏବଂ ପ୍ରାୟ ଅପରାଧବୋଧ  ଓ ଲଜ୍ଜାର ଭାରକୁ କ୍ରମଶଃ ବଢ଼ାଇ ଦିଏ।ପଶ୍ଚାତାପ (Repentance) ଅସ୍ତିତ୍ୱମୂଳକ ହୁଏ—ଏହା କେବଳ ଭାବନା ନୁହେଁ, ପରିବର୍ତ୍ତନର ଅନୁଭୂତି।ଦୁଃଖ ସଚେତନ ମନରେ ଆସେ  ଏବଂ ଯାଏ, ତଥାପି ଆମର ଅବଚେତନ ଆଦତ ଓ ପ୍ରବୃତ୍ତିକୁ କ୍ରମଶଃ ପୁନରାବୃତ୍ତି କରୁଥାଏ।ପଶ୍ଚାତାପ ସଫଳ ହେବା ସହିତ ଏକ ସ୍ୱଷ୍ଟ ପୂର୍ବ ଓ ପର  ସୀମା ଚିହ୍ନିତ କରେ, ଏବଂ ପ୍ରବୃତ୍ତିର ଚକ୍ରକୁ ଭଙ୍ଗ କରିବା ପାଇଁ କାର୍ଯ୍ୟକୁ ଆବଶ୍ୟକ କରେ।ସାର ଦୁଃଖ ହେଉଛି ଭାବନାର ହାର, ପଶ୍ଚାତାପ ହେଉଛି ଜୀବନକୁ ପରିବର୍ତ୍ତନ କରିବାର ଶକ୍ତି।

ବାବୁଜୀ ମହାରାଜଙ୍କ ଦଶମ ନୀତି  କେବଳ ଦୁଃଖ ନୁହେଁ, ଅନୁତାପ କରିବାକୁ ଆହ୍ୱାନ କରେ। ବାବୁଜୀ ଯେଉଁ ପ୍ରାର୍ଥନା ଶିକ୍ଷା ଦିଅନ୍ତି ତାହା ଆତ୍ମ-ଦୟା କିମ୍ବା ଦୁଃଖ ନୁହେଁ, ବରଂ ପରମେଶ୍ୱରଙ୍କ ସମ୍ମୁଖରେ ପିଲାଭଳି ସଚ୍ଚୋଟତା, ଲୁଚାଇବା ପାଇଁ କିଛି ନାହିଁ, ରକ୍ଷା କରିବାକୁ କିଛି ନାହିଁ, ବରଂ କେବଳ ନିଜର ପ୍ରକୃତ ମନର ଅବସ୍ଥା ପ୍ରକାଶ କରିବା ଏବଂ ସାହାଯ୍ୟ ମାଗିବା।

**ଦୁଃଖ ବନାମ ପଶ୍ଚାତାପ : ଏକ ପାଳିର ଶରୀର ଗଠନ**




ଅହଂକାର-ସ୍ଥିରୀକରଣ।
"ମୁଁ ଚାହୁଁଛି ମୁଁ ଏଇଟି  କରି ନ ଥାନ୍ତି।"
ଏକ ଲଜ୍ଜାଜନକ ସର୍ପିଳ ଭାବପ୍ରବଣ ଲୁପ୍।

ସମ୍ପୂର୍ଣ୍ଣ ସଚ୍ଚୋଟତା। "ମୁଁ ଏପରି ଜାରି ରଖିପାରିବି ନାହିଁ।
ମୋତେ ସାହାଯ୍ୟ କର।"
"ପୂର୍ବ ଏବଂ ପରେ"। ପରବର୍ତ୍ତୀ କଥାକୁ ଯାଆନ୍ତୁ।

ଯେତେବେଳେ ଅନୁତାପ ପ୍ରକୃତ ହୋଇଥାଏ, ସେହି ବ୍ୟକ୍ତି ଏପରି ଶପଥ ନିଅନ୍ତି  ନାହିଁ ଯାହାକୁ ସେମାନେ ପୂରଣ କରିପାରିବେ ନାହିଁ। ବରଂ, ସେମାନେ କୁହନ୍ତି, "ମୁଁ ଏହି ଭଳି। ମୁଁ ଏହା କରିଆସୁଛି। ମୁଁ ଜାଣିନାହିଁ ଯେ ମୁଁ ବନ୍ଦ କରିପାରିବି କି ନାହିଁ, କିନ୍ତୁ ମୁଁ ଜାଣେ ଯେ ମୁଁ କରିବାକୁ ଚାହୁଁଛି। ଦୟାକରି ମୋତେ ସାହାଯ୍ୟ କରନ୍ତୁ।" ଏହି ପ୍ରକାରର ପ୍ରାର୍ଥନା ଆମର ଅଭ୍ୟାସ ଏବଂ ପ୍ରବୃତ୍ତିଠାରୁ ଅଧିକ ଗଭୀରତା କୁ ପହଞ୍ଚିଥାଏ। ଯେଉଁଠାରେ ପ୍ରୟାସ ବିଫଳ ହୋଇଛି ସେଠାରେ ଆନ୍ତରିକତା ଅନୁଗ୍ରହର  କାର୍ଯ୍ୟ  ପଥ ପରିଷ୍କାର କରେ ।

## ଆମର ଆଚରଣଗତ ଢାଞ୍ଚା ପ୍ରକୃତରେ କ'ଣ ଚାହେଁ

ଏକ ଗୁପ୍ତ କଥା ଅଛି ଯାହା ଆମ ଇଚ୍ଛା ସହିତ ସମ୍ପର୍କକୁ ତୁରନ୍ତ ପରିବର୍ତ୍ତନ କରିଦିଏ: ଆମର ଅଭ୍ୟାସଗୁଡ଼ିକ ଯାହା ଚାହାଁନ୍ତି ତାହା ଚାହାଁନ୍ତି ନାହିଁ, ବରଂ ଅଧିକ ଗଭୀର କିଛି ଆଡ଼କୁ ଇଙ୍ଗିତ କରନ୍ତି। ଶାରୀରିକ ସୁଖ ପାଇଁ ଇଚ୍ଛା ହେଉଛି, ପ୍ରକୃତରେ, ଏକତା ପାଇଁ ଏକ ଇଚ୍ଛା। କ୍ଷଣିକ ସନ୍ତୋଷ ପାଇଁ ଅସ୍ଥିର ସନ୍ଧାନ ହେଉଛି, ପ୍ରକୃତରେ, ସ୍ଥାୟୀ ସନ୍ତୋଷ ପାଇଁ ଏକ ସନ୍ଧାନ।

ଯେତେବେଳେ ଏହାକୁ ବୁଝାଯାଏ, ଆମର ପ୍ରବୃତ୍ତିଗୁଡିକୁ ଯୁଦ୍ଧ ନୁହେଁ, ବରଂ କୃପାର ସହିତ ସମ୍ମୁଖୀନ କରାଯିବ:"ମୁଁ ତୁମେ କଣ ଖୋଜିବାକୁ ଚେଷ୍ଟା କରୁଛ, ତାହା ଦେଖୁଛି। ଏହା ଏଠାରେ ନାହିଁ , କିନ୍ତୁ ମୁଁ ଜାଣିଛି କେଉଁଠାରେ ଅଛି। ମୋ ସହିତ ଆସ।

ଏହି ପ୍ରତିକ୍ରିୟା କୌଣସି ଢାଞ୍ଚା ସହିତ ଲଢ଼ିବା, କିମ୍ବା ଏହାର ଅସ୍ତିତ୍ୱକୁ ଦମନ କରିବା କିମ୍ବା ଅସ୍ୱୀକାର କରିବାଠାରୁ ଭିନ୍ନ। ଲଢ଼ିବା କେବଳ ଉଭୟ ପକ୍ଷକୁ ଶକ୍ତିଶାଳୀ କରେ, ଏବଂ ଅସ୍ୱୀକାର କରିବା ଏହାକୁ ଅବଚେତନ ମନରେ ଉତ୍ତେଜିତ ରଖିଥାଏ, ଯେଉଁଠାରେ ଏହା ଏବେ ବି ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ, ଆଲୋକ ଜାଳିବା ମୂଳରେ ଥିବା ଭୁଲ ବୁଝାମଣାକୁ ଦୂର କରିଦିଏ।

## ସବୁକିଛି ବଦଳାଇ ଦେଉଥିବା ମୋଡ଼

ଯାତ୍ରାର କୌଣସି ସମୟରେ, କିଛି ପରିବର୍ତ୍ତନ ହୁଏ। ଏହା ଏକ ନାଟକୀୟ ପରିବର୍ତ୍ତନ ନୁହେଁ, ଏଥିରେ  କୌଣସି ଧୁମ୍ଧାମ୍ ନାହିଁ। ପ୍ରାୟତଃ, ଆମେ ଏହାକୁ ତୁରନ୍ତ ଲକ୍ଷ୍ୟ କରୁନାହୁଁ, କିନ୍ତୁ

ଆମର ଗୁରୁତ୍ୱାକର୍ଷଣର  କେନ୍ଦ୍ର ପରିବର୍ତ୍ତନ ହୁଏ। ପୂର୍ବରୁ, ହୃଦୟ ଆନନ୍ଦ ଆଡ଼କୁ ଅଭିମୁଖୀ ଥିଲା, ବେଳେବେଳେ ସ୍ୱାଧୀନତା ଆଡ଼କୁ ଦୃଷ୍ଟିପାତ କରୁଥିଲା। ବର୍ତ୍ତମାନ, ହୃଦୟ ସ୍ୱାଧୀନତା ଆଡ଼କୁ ଅଭିମୁଖୀ, ବେଳେବେଳେ ପୁରୁଣା ଢାଞ୍ଚାକୁ  ଟାଣି ହୁଏ। ଟଣା ଜାରି ଅଛି , କିନ୍ତୁ ଦିଗ ପରିବର୍ତ୍ତନ ହୋଇଛି।

ଏହି ପରିବର୍ତ୍ତନ ବାଧ୍ୟତାମୂଳକ[1] ନୁହେଁ, ଆମେ କିନ୍ତୁ ଏଥିପାଇଁ ପ୍ରସ୍ତୁତ ହୋଇପାରିବା। ଡଙ୍ଗା ଚଳାଇବା ଶିଖୁଥିବା ବ୍ୟକ୍ତି ପ୍ରବଳ ପବନ ଏବଂ ଧକ୍କାଖାଉଥିବା ଢେଉରେ ଓଲଟିପାରନ୍ତି; ତଥାପି ଅନ୍ତତଃ, ସ୍ଥିର ଅଭ୍ୟାସ ଦ୍ୱାରା, ସେମାନେ ସମସ୍ତ ପାଗ ପରିସ୍ଥିତିରେ ନୌଯାତ୍ରା କରିବାରେ ଦକ୍ଷ ହୋଇଯାନ୍ତି। ସେହିପରି, ଆମର ଅଭ୍ୟାସ, ଦୈନନ୍ଦିନ ସଫାଇ, ଦୈନନ୍ଦିନ ଧ୍ୟାନ, ସଚ୍ଚୋଟ ଆତ୍ମ-ମୂଲ୍ୟାନକନ, ପଡ଼ିଯିବାର ସଂଗୃହିତ ପରିଣାମ ଏବଂ ଆମର ଧାରା ବାହାରେ କ'ଣ ଅଛି ତାହା ସହିତ ବଢ଼ୁଥିବା ପରିଚିତତା, ଆମକୁ ପରବର୍ତ୍ତୀ ଯାତ୍ରା ପାଇଁ ପ୍ରସ୍ତୁତ କରେ। ତା'ପରେ, ପରିବର୍ତ୍ତନ ନିଜେ ଅନୁଗ୍ରହ ଦ୍ୱାରା ଘଟେ, ନିଜ ସମୟରେ, ଯେତେବେଳେ ହୃଦୟ ପ୍ରସ୍ତୁତ ହୁଏ।

## ଯେ  ବାରମ୍ବାର ପଡ଼ିଯାନ୍ତି  ତାଙ୍କ ପାଇଁ

ଯଦି ଆପଣ ଏହା ପଢ଼ୁଛନ୍ତି ଏବଂ ଆପଣଙ୍କର ସଂଘର୍ଷକୁ ଚିହ୍ନିପାରୁଛନ୍ତି, ତେବେ ଜାଣନ୍ତୁ  ଯେ ପତନ ବ୍ୟର୍ଥ ହୋଇନାହିଁ। ପ୍ରତ୍ୟେକ ପତନ ଆପଣଙ୍କ ଭିତରେ କିଛି ଜମା କରିଛି, ଏବଂ ପ୍ରତ୍ୟେକ ପୁନରୁଦ୍ଧାର କିଛି ନିର୍ମାଣ କରିଛି। ଆପଣ ଏହାର ଓଜନ ଅନୁଭବ କରିବା ହିଁ ସୂଚାଇ ଦିଏ ଯେ ଆପଣଙ୍କ  ଭିତରେ କିଛି ଅଛି ଯେ ହାର ମାନିନାହିଁ।

ବର୍ତ୍ତମାନ ଯାହା ଆବଶ୍ୟକ ତାହା ସମାନ ପ୍ରକାରର ପ୍ରୟାସ ନୁହେଁ, ବରଂ ଇଚ୍ଛାର ଗୁଣବତ୍ତାରେ ପରିବର୍ତ୍ତନ। ଏଠାରେ କିଛି ପରାମର୍ଶ ଦିଆଯାଇଛି: ଯେଉଁ ପ୍ରତିଶ୍ରୁତି ଆପଣ ପାଳନ କରିପାରିବେ ନାହିଁ ତାହା ଦେବା ବନ୍ଦ କରନ୍ତୁ। ବରଂ, ଏକ ସଚ୍ଚୋଟ ମୂଲ୍ୟାଙ୍କନ କରନ୍ତୁ: ଆପଣ ପ୍ରକୃତରେ କେତେ ସ୍ୱାଧୀନତା ଚାହାଁନ୍ତି? ଆପଣଙ୍କର ଇଚ୍ଛାର ଧାରା ଦ୍ୱାରା ଆପଣ କେତେ ଟାଣି ହୋଇଅଛନ୍ତି

---

[1] ଚନ୍ଦ୍ର, ରାମ୍।, ୨୦୧୯। ସହଜ ମାର୍ଗର ଦଶଟି ନୀତି ଉପରେ ଟୀକା। ଶ୍ରୀ ରାମ ଚନ୍ଦ୍ର ମିଶନ, ଭାରତ।

ତାହା ସହିତ ଏହାକୁ ମାପନ୍ତୁ। ସଠିକ ହୁଅନ୍ତୁ, ଅବିଚଳିତ ହୁଅନ୍ତୁ, ଏବଂ ଆପେକ୍ଷିକ ଟାଣ ବିଷୟରେ ସଚେତନ ହୁଅନ୍ତୁ।

ତା'ପରେ ନିଜକୁ ପଚାରନ୍ତୁ, "ଅନୁପାତ କିପରି ପରିବର୍ତ୍ତନ ହୋଇପାରିବ?" ଏହା ଇଚ୍ଛାଶକ୍ତି କିମ୍ବା ନୈତିକ ପ୍ରୟାସ ମାଧ୍ୟମରେ ଘଟିବ ନାହିଁ; ଏହା ଛୋଟ ଭୋକକୁ ଭୋକିଲା ରଖି ବଡ଼ ଭୋକକୁ ଖୁଆଇବା ଦ୍ୱାରା ଘଟିବ। ଏହା ଗଭୀର ଆକାଂକ୍ଷାକୁ ଜାଗ୍ରତ କରୁଥିବା ସଂପ୍ରସାରଣ ସହିତ ନିଜକୁ ପ୍ରକାଶ କରିବା ଏବଂ ଯେଉଁମାନଙ୍କର ଅଭିମୁଖତା ଆପଣଙ୍କୁ ଆପଣଙ୍କର ନିଜର ସର୍ବୋଚ୍ଚ ସମ୍ଭାବନାକୁ ମନେ ପକାଇଥାଏ ସେମାନଙ୍କ ସହିତ ସାଥି ହେବା ଦ୍ୱାରା ହେବ।

## ରକ୍ଷା କରିବା ଯୋଗ୍ୟ ପ୍ରତିଜ୍ଞା

ଗୋଟିଏ ପ୍ରତିଶ୍ରୁତି ପାଳନ କରିବା ଯୋଗ୍ୟ, ତାହା ହେଉଛି ଚେଷ୍ଟା କରିଚାଲିବାର  ପ୍ରତିଶ୍ରୁତି। ପ୍ରତ୍ୟେକ ଥର ସଫଳ ହେବାର ପ୍ରତିଶ୍ରୁତି ର କୌଣସି ଅର୍ଥ ନାହିଁ, କାରଣ ଏହା ମାନବ ଗ୍ୟାରେଣ୍ଟି ର ବାହାରେ। ଚେଷ୍ଟା କରିଚାଲିବା, ଉପରକୁ ଉଠିବା, ହୃଦୟକୁ ସର୍ବୋଚ୍ଚ ଆଡ଼କୁ ଫେରାଇବା ଏସବୁ ଆମର ପାଖରେ ଅଛି।

ଈଶ୍ୱର ବିଫଳତାର  ଅନୁପସ୍ଥିତି ଦ୍ୱାରା  ପ୍ରଗତି ମାପ କରନ୍ତି ନାହିଁ;  ଆକାଂକ୍ଷାର ସ୍ଥିରତା ଦ୍ୱାରା ପ୍ରଗତି ମାପ କରନ୍ତି। ଯେଉଁ ସାଧକ ହଜାର ଥର ପଡ଼ି ହଜାର ଏକ ଥର ଉଠିଥାଏ , ସେ  କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଦର୍ଶନ କରିଛି  ; ସେ ପଥ ପରିତ୍ୟାଗ କରିବାକୁ ମନା କରିଛି । ଏହି ପ୍ରତ୍ୟାଖ୍ୟାନ ସ୍ୱୟଂ  ଏକ ବିଜୟ, ଏବଂ ଦୃଢ଼ତା ସ୍ୱୟଂ  ଏକ ପରିବର୍ତ୍ତନ। ସମୟ ସହିତ, ଯାହା ଜିଦ୍ଦିପୂର୍ଣ୍ଣ ଏବଂ କେତେକ ସମୟରେ ଯାନ୍ତ୍ରିକ ପ୍ରୟାସ ଭାବରେ ଆରମ୍ଭ ହୁଏ ତାହା ଏକ ପ୍ରାକୃତିକ ଦିଗକୁ ପରିପକ୍ୱ ହୁଏ। ଯାହା ସଂଘର୍ଷ ଥିଲା ତାହା ପ୍ରବାହରେ ପରିଣତ ହୁଏ, ଏବଂ ଯାହା ବିଭକ୍ତ ଥିଲା ତାହା ସମ୍ପୂର୍ଣ୍ଣ ହୋଇଯାଏ।

ବିଭାଜିତ ହୃଦୟ ସବୁଦିନ ପାଇଁ ବିଭାଜିତ ହୋଇ ରହେ ନାହିଁ। ଗୋଟିଏ ଦିନ, ବିନା ଧୁମଧାମରେ, ଏହା ସ୍ୱତଃ  ନିଜର ଦିଗ ଖୋଜି ପାଏ।

ଏବଂ ଯେତେବେଳେ ସେପରି ହୁଏ, ସେ ଆଶ୍ଚର୍ଯ୍ୟ କରେ—କାହିଁକି ସେ କେବେ ଅନ୍ୟ କୌଣସି ଦିଗ ରେ ଚାଲିଥିଲା।

✦

ଭିତରର ଯୁକ୍ତି ସତ୍ୟ। ସେଥିରୁ ଯାଉଥିବା ପଥ ହେଉଛି ସତ୍ୟନିଷ୍ଠ ଆକାଂକ୍ଷା। ତାହାର ପରିଣାମ ଚେତନାର ସ୍ୱଭାବ ମଧ୍ୟରେ ପୂର୍ବରୁ ଲିଖାଯାଇଛି; ଯାହା ସତ୍ୟ, ସେ ଅଟୁଟ ରହେ, ଏବଂ ଯାହା ମିଥ୍ୟା, ସେ କ୍ଷୀଣ ହୋଇଯାଏ। ତୁମର କାର୍ଯ୍ୟ ହେଉଛି—ବାରମ୍ବାର ସତ୍ୟ ସହିତ ନିଜକୁ ସମନ୍ୱୟ କରିବା, ଯେପର୍ଯ୍ୟନ୍ତ ସେଇ ସମନ୍ୱୟ ସ୍ଥାୟୀ ହୋଇନଯାଏ।

ସେହି ସମନ୍ୱୟକୁ ସ୍ୱାଧୀନତା କୁହାଯାଏ। ଏବଂ ସ୍ୱାଧୀନତା ଆପଣଙ୍କର  ଘର ବାହୁଡା।

ଓଁ ଶାନ୍ତି, ଶାନ୍ତି. ଶାନ୍ତି

ପ୍ରେମ ଏବଂ ସମ୍ମାନ ସହିତ,
କମଲେଶ

ପୂଜ୍ୟ ଶ୍ରୀ ଲାଲାଜୀ ମହାରାଜଙ୍କ ଜନ୍ମ ବାର୍ଷିକୀ, ଫେବୃଆରୀ 2, 2026

୧୫୩ତମ ଜନ୍ମବାର୍ଷିକୀ ଅବସରରେ ବାର୍ତ୍ତା
ପୂଜ୍ୟ ଶ୍ରୀ ଲାଲାଜୀ ମହାରାଜଙ୍କ
୨୦୨୬ ଫେବୃଆରୀ ୧, ୨ ଏବଂ ୩ ତାରିଖରେ କାହ୍ନା ଶାନ୍ତି ବନମ ରୁ



## ଦାଜୀ ଙ୍କ ସହ ମାଷ୍ଟରକ୍ଲାସ୍

ଆପଣ ଯେକୌଣସି ସମୟରେ ହାର୍ଟଫୁଲନେସ୍ ଧ୍ୟାନ ଆରମ୍ଭ କରିପାରିବେ! ଦାଜୀଙ୍କ ସହିତ ଏକ ତିନି ଭାଗ ବିଶିଷ୍ଟ ମାଷ୍ଟରକ୍ଲାସ୍ ସିରିଜରେ ଯୋଗ ଦିଅନ୍ତୁ, ଯେଉଁଠାରେ ସେ ହାର୍ଟଫୁଲନେସ୍ ପଦ୍ଧତିର ଲାଭ ବାଣ୍ଟିବେ ଏବଂ ଆପଣଙ୍କ ଦୈନନ୍ଦିନ କାର୍ଯ୍ୟରେ ହାର୍ଟଫୁଲନେସ୍ ଆରାମ, ଧ୍ୟାନ, ପରିଷ୍କାର ଏବଂ ପ୍ରାର୍ଥନାକୁ କିପରି ସାମିଲ କରିବେ ତାହା ବ୍ୟାଖ୍ୟା କରିବେ। ସମସ୍ତ ମାଷ୍ଟରକ୍ଲାସ୍ ନିଃଶୁଳ୍କ।

https://heartfulness.org/global/masterclass/

## Heartfulness Practices

ହାର୍ଟଫୁଲନେସ୍ ଅଭ୍ୟାସଗୁଡ଼ିକ ଆବିଷ୍କାର କରନ୍ତୁ – ଆରାମ କରିବା, ଧ୍ୟାନ କରିବା, ପରିଷ୍କାର କରିବା ଏବଂ ପ୍ରାର୍ଥନା କରିବା ଶିଖନ୍ତୁ।

https://heartfulness.org/in-en/heartfulness-practices/

heartfulness

purity weaves destiny